


ଓଡ଼ିଶାର ଜଣେ ପ୍ରସିଦ୍ଧ ଦେଶୀ ଚାଷୀ, କୃଷକଙ୍କ ଉନ୍ନତିକଳ୍ପେ  ଏବଂ ବହୁଜାତିକ କମ୍ପାନୀମାନଙ୍କ ଶୋଷଣରୁ ଚାଷୀଙ୍କୁ ବଂଚାଇବା ତଥା କମ୍ପାନୀ କୀଟନାଶକରୁ ଚାଷୀ ଓ ସାଧାରଣ ଜନତାଙ୍କ ଜୀବନକୁ ବଞ୍ଚାଇବା ପାଇଁ ଅହୋରାତ୍ର ସଂଗ୍ରାମରତ ଜଣେ ଦରଦୀ ପ୍ରାଣ, ସଦାପ୍ରୟାସରତ ରହୁଥିବା, ବିଶେଷ କରି ନିଜେ ପରୀକ୍ଷାମୂଳକ ଭାବେ ସମ୍ପୂର୍ଣ୍ଣ ଦେଶୀୟ ପଦ୍ଧତିରେ ଦେଶୀ ଚାଷ କରି ଓଡ଼ିଶାର ଅଗଣିତ ଚାଷୀକୁଳ ସକାଶେ ଉଦାହରଣ ପାଲଟିଥିବା ନଟବର ଷଡ଼ଙ୍ଗୀ ଆଉ ଆମ ଗହଣରେ ନାହାନ୍ତି। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଚାଷୀଙ୍କ ପାଇଁ ସମର୍ପିତ ଜୀବନର ଏକ ଯୁଗାନ୍ତକାରୀ ପରିସମାପ୍ତି ହୋଇଗଲା ୨୧ ଜାନୁଆରୀ ୨୦୨୬ ତାରିଖରେ। 'ସମଦୃଷ୍ଟି' ପରିବାର ତାର ଜଣେ ଆଗଧାଡ଼ିର ମୁରବୀଙ୍କୁ ସବୁଦିନ ପାଇଁ ହରାଇଲା। ୨୦୦୬ ମସିହା ସମଦୃଷ୍ଟିର ଆରମ୍ଭ ସଂଖ୍ୟାରୁ ନିଜ ଜୀବନର ଶେଷ ପର୍ଯ୍ୟନ୍ତ ସମଦୃଷ୍ଟିର ୨୧୦ତମ ସଂଖ୍ୟାରେ ମଧ୍ୟ ଜୀବନର ଶେଷ ପ୍ରବନ୍ଧ ସେ ଲେଖିଛନ୍ତି ପ୍ରାୟ ୧୧୧ଟି କ୍ରମରେ। ଆହୁରି ମଧ୍ୟ କିଛି ଲେଖା ଅପ୍ରକାଶିତ ରହିଛି। ଆସନ୍ତା ସଂଖ୍ୟାମାନଙ୍କରେ ତାହା ସ୍ଥାନିତ ହେବ। କୃଷକସମାଜ ଏକ ଅବ୍ୟବସ୍ଥିତ ଓ ଅସନ୍ତୁଳିତ ପରିବେଶରେ  ଜୀବନ ନିର୍ବାହ କରୁଥିବା ବେଳେ ଆଶାର ଆଲୋକ ଦେଖାଇ ଆସିଥିବା ନଟବର ବାବୁ, ସମସ୍ତଙ୍କ ପ୍ରିୟ ନଟବର ମଉସା ଅବେଳରେ  ଛାଡ଼ଯାଇଛନ୍ତି ଏକ ଅଫେରା ରାଇଜକୁ।

ନଟବର ଷଡ଼ଙ୍ଗୀଙ୍କ ପ୍ରତିଟି ଲେଖା ମାର୍ଗଦର୍ଶକ ଭଳି କୃଷକସମାଜ ଓ ସାମ୍ପ୍ରତିକ ଗବେଷକ, ଛାତ୍ରସମାଜ ପାଇଁ କାର୍ଯ୍ୟ କରିବ। ସମସ୍ତେ ନଟବର ଷଡ଼ଙ୍ଗୀଙ୍କ ପ୍ରବନ୍ଧଗୁଡ଼ିକର ବିଶ୍ଳେଷଣ ସହ କାର୍ଯ୍ୟରେ ବ୍ୟବହାର କଲେ ଦେଶ ଓ ଦଶର ଉନ୍ନତି ସାଧିତ ହୋଇପାରିବ। ଚଳିତ ସଂଖ୍ୟାରେ ସୁଧୀର ଭାଇଙ୍କ ସମତେ ନଟବର ମଉସାଙ୍କୁ ଅତି ନିକଟରୁ ଦେଖିଥିବା, ପଢ଼ିଥିବା ବ୍ୟକ୍ତିବିଶେଷ ଶ୍ରଦ୍ଧାଞ୍ଜଳି ବାଢ଼ିଛନ୍ତି।

ନଟବର ମଉସାଙ୍କ ସ୍ମୃତିରେ ଏଥରର ସମ୍ପାଦକୀୟ ପୃଷ୍ଠାକୁ ସମର୍ପିତ କରୁଛୁ।

**ବିଘ୍ନେଶ୍ୱର ସାହୁ**